# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 97 CUTTACK, FRIDAY, JANUARY 11, 2019/PAUSA 21, 1940**


## ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

ଅଧିସୂଚନା

ତାରିଖ 2 ଜାନୁଆରୀ 2019

No. 17—L.A.I.-09/2018-WE.—ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ସୁନ୍ଦରଗଡ଼ ଜିଲ୍ଲାର ତାଳଚେର–ବିମଳାଗଡ଼ ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା ଗଡରୁଆ, ଥାନା ବଣେଇ ନଂ. ୨୨୩, ତହସିଲ ଲହୁଣିପଡା, ଜିଲ୍ଲା ସୁନ୍ଦରଗଡ଼ରେ ନିମ୍ନ ତଫସିଲ ନିମନ୍ତେ ପ୍ରାୟ 2.510 ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ (RFCTLAR & R Act, 2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ର ୧୧(୧)ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର 60 (ଷାଠିଏ) ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧ । ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ତାଳଚେର–ବିମଳାଗଡ ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ ।

୨ । ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଉପମୁଖ୍ୟଯନ୍ତ୍ରୀ (ନିର୍ମାଣ–୨), ପୂର୍ବତଟ ରେଳପଥ, ଅନୁଗୋଳ ।

୩ । କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା ।

୪ । ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ SIA Study vide No. 35854, ତା ୨୮ ଅକ୍ଟୋବର ୨୦୧୭ରିଖ ଦ୍ରଷ୍ଟବ୍ୟ ।

୫ । ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପଜିଲ୍ଲାପାଳ, ବଣେଇ ।

୬ । ଜମିର ବିବରଣୀ :–

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ସୁନ୍ଦରଗଡ଼ | ଲହୁଣିପଡା | ଗଡରୁଆ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ ଅଛି | ଏଥିସହିତ ସଂଲଗ୍ନ ଅଛି | ୬.୫୭୦ ଏକର | ୨.୫୧୦ ଏକର | ଏଥିସହିତ ସଂଲଗ୍ନ ହୋଇଅଛି |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସୁନ୍ଦରଗଡ଼ ଜିଲ୍ଲାପାଳ ଓ ଭୂମି–ଅର୍ଜନ ଅଧିକାରୀ, ତାଳଚେର–ବିମଳାଗଡ ନୂତନ ଓସାରିଆ ରେଳପଥ, ସୁନ୍ଦରଗଡ଼ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

## ଭୂମି ଅନୁସୂଚୀ

| ଖାତା ନମ୍ବର | ପ୍ଲଟ୍ ନମ୍ବର | ମୋଟ ରକବା | ପ୍ରସ୍ତାବିତ ଭୂ-ଅର୍ଜନ ରକବା | ହାଲ କିସମ | ରୟତଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|
| (୧) | (୨) | (୩) ଏକର | (୪) ଏକର | (୫) | (୬) |
| ୨ | ୩୨ (ସ୍ଥ) | ୨.୧୧୦ | ୦.୦୧୦ | ମାଳ ପାଣି ଦୁଇ | ଅର୍ଜୁନ ମୋହନ କୁଅଁର, ପି. ଲୋଚନ କୁଅଁର, ବା. ବିଛଣା ପଟି, ଜବରଦଖଲ ଅତୁଲ ମାଝି, ପି. ଚନ୍ଦନ ମାଝି, ଜା. ଗଣ୍ଡ, ବା. ନିଜଗାଁ । |
| ୩ | ୨୭ (ସ୍ଥ) | ୦.୮୫୦ | ୦.୩୮୦ | ମାଳ ପାଣି ଦୁଇ | ଅତଲ ମାଝି, ଦୈମତୀ ମାଝି, ପି. ଚନ୍ଦନ ମାଝି, ରାଏସିଂ ମାଝି, ପି. ଚେମରୁ ମାଝି, ଜା. ଗଣ୍ଡ, ବା. ନିଜଗାଁ । |
| | ୨୭/୧୧୭୯ (ସ୍ଥ) | ୦.୩୨୦ | ୦.୨୭୦ | ମାଳ ପାଣି ଦୁଇ | |
| | ୩୦ | ୦.୧୧୦ | ୦.୧୧୦ | ବେର୍ଣ୍ଣା ପାଣି ଦୁଇ | |
| | ୩୧ (ସ୍ଥ) | ୦.୪୬୦ | ୦.୦୪୦ | ବେର୍ଣ୍ଣା ପାଣି ଦୁଇ | |
| | ୨୮ (ସ୍ଥ) | ୦.୧୭୦ | ୦.୧୦୦ | ଗୋଡା ଦୁଇ | |
| ୧୦ | ୩୭ (ସ୍ଥ) | ୧.୫୧୦ | ୦.୫୮୦ | ମାଳ ପାଣି ଦୁଇ | କଟ ମୁଣ୍ଡାରି, ପି. ତୁରାମ ମୁଣ୍ଡାରି, ଜା. ମୁଣ୍ଡାରି, ବା. ନିଜଗାଁ । |
| ୪୧ | ୩୮ (ସ୍ଥ) | ୧.୧୨୦ | ୦.୩୦୦ | ମାଳ ପାଣି ଦୁଇ | ତୁରି ମୁଣ୍ଡାରି, ପି. ଲେବା ମୁଣ୍ଡାରି, ଜା. ମୁଣ୍ଡାରି, ବା. ନିଜଗାଁ । |
| ୬୫ | ୪ (ସ୍ଥ) | ୦.୨୬୦ | ୦.୧୭୦ | ବେର୍ଣ୍ଣା ପାଣି ଦୁଇ | ବାସୁଦେବ କିଶାନ, ପି. କାଲୁ କିଶାନ, ଜା. କିଶାନ, ବା. ନିଜଗାଁ । |
| | ୩ (ସ୍ଥ) | ୦.୯୨୦ | ୦.୧୮୦ | ଗୋଡା ଏକ | |
| ୬୬ | ୨୫ (ସ୍ଥ) | ୦.୮୫୦ | ୦.୩୭୦ | ମାଳ ପାଣି ଦୁଇ | ବାସୁଦେବ କିଶାନ, ପି. କାନ୍ଦୁର କିଶାନ, ଜା. କିଶାନ, ବା. ନିଜଗାଁ । |
| | **ମୋଟ ..** | **୬.୫୭୦** | **୨.୫୧୦** | | |

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

**ସୁରେନ୍ଦ୍ର କୁମାର ମୀନା**

ଜିଲ୍ଲାପାଳ, ସୁନ୍ଦରଗଡ଼

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 2048—173+15